DOI :https://doi.org/10.5281/zenodo.13704916

ମୂଳ ପ୍ରବନ୍ଧ

# କେନ୍ଦୁଝର : ଜଣେ ବଙ୍ଗୀୟ ଭ୍ରମଣସାହିତ୍ୟିକଙ୍କ ରଚନାରେ

**ଶିଶିର ବେହେରା**

**ସାର ସଂକ୍ଷେପ :**

ଓଡ଼ିଶାର ସାରସ୍ୱତ ଓ ସାଂସ୍କୃତିକ ଜଗତକୁ କେନ୍ଦୁଝରର ବିପୁଳ ଅବଦାନ ରହିଛି । କେବଳ ପ୍ରାକୃତିକ ସୌନ୍ଦର୍ଯ୍ୟ ନୁହେଁ; ସାହିତ୍ୟ, ଧର୍ମ, ରାଜନୀତି, ଅର୍ଥନୀତି, ସଂସ୍କୃତି, ପରମ୍ପରା ପ୍ରତି ଏହାର ପରିବେଶ ହୋଇଛି ଯଥେଷ୍ଟ ଅନୁକୂଳ । ଅତୀତର ଗଡ଼ଜାତ ଶାସନ, ଆଦିବାସୀ ଅ୍ଧୁଷିତ ସରଳ ମଣିଷମାନଙ୍କର ଜୀବନଚର୍ଯ୍ୟା ଏବଂ ସାଂସ୍କୃତିକ ପରିବେଷ୍ଟନୀ କବି-ଲେଖକଙ୍କୁ ମୁଗ୍ଧକରିଛି । ଓଡ଼ିଆସାହିତ୍ୟରେ ଏହି ଭୂମିର ବ୍ୟାପକ ଚିତ୍ର ସେମାନଙ୍କ ଲେଖାରେ ଅଙ୍କିତହୋଇଛି । କେବଳ ଓଡ଼ିଶାର ନୁହେଁ, ଅନ୍ୟ ପ୍ରଦେଶର ପର୍ଯ୍ୟଟକ, ଆଗନ୍ତୁକ ଏବଂ ସୌନ୍ଦର୍ଯ୍ୟପିପାସୁଙ୍କ ଆକର୍ଷଣର ଭୂମି ପାଲଟିଛି କେନ୍ଦୁଝର । ଭ୍ରମଣକାରୀମାନେ ସେମାନଙ୍କର ଭ୍ରମଣବୃତ୍ତାନ୍ତ ଓ ଭ୍ରମଣକାହାଣୀରେ କେନ୍ଦୁଝରକୁ ସ୍ଥାନ ଦେଇଛନ୍ତି । ବଙ୍ଗୀୟ ଭ୍ରମଣସାହିତ୍ୟକୁ ମଧ୍ୟ କେନ୍ଦୁଝରର ଅବଦାନ ରହିଛି । ୧୯୨୭ ମସିହାରେ ମଣୀନ୍ଦ୍ରନାଥ ମୁସ୍ତୋଫୀ ନାମକ ଜଣେ ବଙ୍ଗୀୟ ଭ୍ରମଣକାରୀ ନିଜ ସାଥୀମାନଙ୍କ ସହ ସାଇକେଲରେ ଆସି ଓଡ଼ିଶା ଭ୍ରମଣ କରିଥିଲେ । ସେହି ଭ୍ରମଣଜନିତ ଅନୁଭୂତିକୁ ସେ ତାଙ୍କ ଭ୍ରମଣକାହାଣୀରେ ଲିପିବଦ୍ଧ କରିଛନ୍ତି । ଏଥିରେ ସେ ତତ୍କାଳୀନ କେନ୍ଦୁଝର, ରାଜବଂଶ, ଲୋକଜୀବନୀ ଓ ଚଳଣି, ଗମନାଗମନ ବ୍ୟବସ୍ଥା, ଜନଜାତି ମଣିଷର ପରିଚୟ, ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଯେପରି ପ୍ରକାଶକରିଅଛନ୍ତି, ସେଥିରୁ ପ୍ରାଚୀନ କେନ୍ଦୁଝରକୁ ଏବଂ ତା'ର ଇତିହାସକୁ ଅବଲୋକନ କରିବାର ସୁଯୋଗ ମିଳିଥାଏ । ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଥଚ ତଥ୍ୟଧର୍ମୀ ଆଲେଖ ଉଭୟ ବଙ୍ଗୀୟ ଓ ଓଡ଼ିଆ ଭ୍ରମଣସାହିତ୍ୟକୁ ବିଭାନ୍ୱିତ କରିଛି ବୋଲି କୁହାଯାଇପାରେ ।

**ସୂଚକ ଶବ୍ଦ :** ଭ୍ରମଣକାହାଣୀ, କେନ୍ଦୁଝର, ପର୍ଯ୍ୟଟନ, ଭ୍ରମଣକାରୀ, ଗଡ଼ଜାତ, କରଦରାଜ୍ୟ,ସାଇକେଲ ଭ୍ରମଣ, ପ୍ରାକୃତିକ ସୌନ୍ଦର୍ଯ୍ୟ ।

ମଣିଷ ମନରେ ସହଜାତଭାବରେ ଏକ ପଥିକ ପ୍ରବୃତ୍ତି ଲୁଚି ରହିଥାଏ । ପ୍ରୟୋଜନ, କୌତୂହଳ ଏବଂ ସୌନ୍ଦର୍ଯ୍ୟ ମନୋବୃତ୍ତି ଲାଗି ମନୁଷ୍ୟ ଭ୍ରମଣ କରିଥାଏ । ସେହି ଭ୍ରମଣଲବ୍ଧ ସୁଖ ଏବଂ ଅନୁଭୂତିକୁ ସକଳଙ୍କ ସହିତ ଭାଗ କରିନେବାର ଆକାଂକ୍ଷାରୁ ସୃଷ୍ଟିହୁଏ ଭ୍ରମଣସାହିତ୍ୟ । ସାହିତ୍ୟର ଏକ ପ୍ରମୁଖ ବିଭାଗ ଭ୍ରମଣକାହାଣୀ । ଜଣେ ସର୍ଜନଶୀଳ ଭ୍ରମଣକାରୀ ଭ୍ରମଣରୁ ଲଭିଥିବା ବିମଳ ଆନନ୍ଦ ଓ ସୌନ୍ଦର୍ଯ୍ୟକୁ କଳାତ୍ମକ ରୀତିରେ ପ୍ରକାଶ କରିଥାନ୍ତି ତାଙ୍କ ଭ୍ରମଣଗ୍ରନ୍ଥରେ । ସ୍ୱୟଂ ଲେଖକ ହେଉଛନ୍ତି ଏହାର ନାୟକ । ଭ୍ରମଣକାରୀଙ୍କ ବୃତ୍ତି, ପ୍ରବୃତ୍ତି, ଭ୍ରମଣତୃଷ୍ଣା ଓ ଯାତ୍ରାର ଏହା ଲିଖିତ ଅନୁଭୂତି । ଏଥିରେ ସ୍ୱାନୁଭୂତି ସହିତ ସ୍ଥାନ-କାଳ-ପାତ୍ରର ବିବରଣୀ ସ୍ଥାନ ପାଇବାସହ ସମୟଖଣ୍ଡର ପରିଚୟ ଏବଂ ଇତିହାସ ଅ୍ଧ୍ୟୟନର ମ୍ଧ ସୁଯୋଗ ରହିଥାଏ । 'ଗଲି ଅଇଲି ଯାହା ଦେଖିଲି ତାହା ଲେଖିଲି' ନ୍ୟାୟରେ ଭ୍ରମଣସାହିତ୍ୟ ରଚନା ହୁଏନାହିଁ; ବରଂ ଯଦି ସାରସ୍ୱତ କଳାନିପୁଣତାରେ ପ୍ରଦର୍ଶିତ ହୁଏ, ତାହା ପାଠକଙ୍କୁ ଆମୋଦିତ କରେ । ସୃଜନପ୍ରାଣ ଭ୍ରମଣକାରୀଙ୍କ ଲେଖାହିଁ ସାହିତ୍ୟର ରୂପ ନେଇଥାଏ । ଏଥିରେ ସତ୍ୟ, ତଥ୍ୟ ଓ ପ୍ରତ୍ୟକ୍ଷ ବିବରଣୀ ଅଙ୍କିତ ହୋଇଥାଏ । ସେଥିପାଇଁ କୁହାଯାଇଛି : " Travel in the younger

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at :
https://pracheenews.com/

DOI:
https://doi.org/10.5281/zenodo.13704916
Article No - BPPP00218

**ଯୋଗାଯୋଗ :**
**ଶିଶିର ବେହେରା,** ସହକାରୀ ପ୍ରଫେସର, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ମୟୂରଭଞ୍ଜ-୩
**E-Mail ID:** sisirabehera87@gmail.com
**ORCID ID:** https://orcid.org/0000-0003-2444-4645

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୨.୮.୨୦୨୪ | ୧୭.୮.୨୦୨୪ | ୨୫.୮.୨୦୨୪ | ୧.୯.୨୦୨୪ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ଶିଶିର ୨୦୨୪ । କେନ୍ଦୁଝର : ଜଣେ ବଙ୍ଗୀୟ ଭ୍ରମଣସାହିତ୍ୟିକଙ୍କ ରଚନାରେ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୦, ସଂଖ୍ୟା : ଚ; ପୃଷ୍ଠା :୯-୧୪ ।

sort is a part of education. In the elder, a part of experience." ( Of Travel, Francis Bacon)

ଓଡ଼ିଶାର ଇତିହାସ ନିର୍ମାଣରେ କେନ୍ଦୁଝରର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ରାଜନୀତି, ଅର୍ଥନୀତି, ସମାଜ, ସଂସ୍କୃତି ସର୍ବୋପରି ସାହିତ୍ୟକ୍ଷେତ୍ରକୁ କେନ୍ଦୁଝରର ଅବଦାନ ବିପୁଳ । ଭଞ୍ଜଭୂମି କେନ୍ଦୁଝର କେବଳ ଭାରତବର୍ଷର ଆର୍ଥିକ ମାନଦଣ୍ଡର ନିର୍ଦ୍ଧାରକ ହୋଇନାହିଁ; ବରଂ ଭାରତୀୟ ପର୍ଯ୍ୟଟନ, ପ୍ରାକୃତିକ ଶୋଭା-ସଂପଦର ଗନ୍ତାଘର ପାଲଟିଛି । ପ୍ରତିଟିଦିଗରୁ ନିରୀକ୍ଷଣକଲେ ଜଣାଯାଏ, ଓଡ଼ିଶାର ଜାତୀୟ ଜୀବନକୁ ଆଲୋକିତ କରିଛି କେନ୍ଦୁଝର । ଏହାର ଗଡ଼ଜାତ ରାଜବଂଶର ଅବଦାନ, ରାଜପୃଷ୍ଟପୋଷକତା ସର୍ବୋପରି ଆଦିବାସୀ ଅଧୁଷିତ ବଣ-ପର୍ବତ-ଝରଣାବେଷ୍ଟିତ ପ୍ରାକୃତିକ ଶୋଭା ଓଡ଼ିଆ ଭାଷା ଓ ସାହିତ୍ୟକୁ ଦେଇଛି ନୂତନ ପରିଚୟ । କେନ୍ଦୁଝର ସାହିତ୍ୟିକ, ସୌନ୍ଦର୍ଯ୍ୟପିପାସୁ ଏବଂ ଭ୍ରମଣକାରୀଙ୍କର ପ୍ରିୟସ୍ଥାନ ହୋଇଛି । ବହୁ ବିଦ୍ୱାନମାନେ ମଧ୍ୟ ଏହିଭୂମିର ଉତ୍କର୍ଷତାକୁ ଅନୁଭବିଛନ୍ତି ରାଜଶାସନ ଅମଳରୁ । ସେଥିପାଇଁ ଓଡ଼ିଶା ଏବଂ ଅନ୍ୟପ୍ରଦେଶର ସାହିତ୍ୟିକମାନଙ୍କୁ ଏହାର ବନଗିରି ଲୁବ୍ଧମୁଗ୍ଧ କରିରଖିଛି । ବିଶେଷକରି ଭ୍ରମଣସାହିତ୍ୟକୁ ସମୃଦ୍ଧ କରିବାରେ ପ୍ରକୃତିରାଣୀ କେନ୍ଦୁଝର ପର୍ଯ୍ୟଟକ ତଥା ଭ୍ରମଣକାରୀଙ୍କୁ ସର୍ବଦା ଆକର୍ଷିତ କରିଆସିଛି । ଓଡ଼ିଆ ପଦ୍ୟସାହିତ୍ୟଠାରୁ ଆରମ୍ଭକରି ଗଦ୍ୟସାହିତ୍ୟ ଯାଏଁ ସବୁଠି କେନ୍ଦୁଝରର ଛବି ଅଙ୍କିତହୋଇଛି । ସ୍ୱତନ୍ତ୍ର ପୁସ୍ତକମାନ ମଧ୍ୟ ପ୍ରକାଶପାଇଛି କେନ୍ଦୁଝର ସଂପର୍କରେ । ୧୮୮୭ ମସିହାରେ *'ନବସମ୍ବାଦ'*ରେ ପ୍ରକାଶିତ *'ଭ୍ରମଣକାରୀର ପତ୍ର'* ଓଡ଼ିଆ ଭ୍ରମଣସାହିତ୍ୟର ପ୍ରାଥମିକ ପ୍ରୟାସ । ଏଥିରେ କବିବର ରାଧାନାଥ ରାୟ ତାଳଚେର-ବାମଣ୍ଡା, ପାଲଲହଡ଼ା ଦେଇ କେନ୍ଦୁଝର ଭ୍ରମଣ କରିଥିବା ବିବରଣୀ ସ୍ଥାନିତ ହୋଇଛି । କେନ୍ଦୁଝରରେ ମାତ୍ର ଦୁଇଦିନ ରହଣିଭିତରେ ସେ ଅନୁଭବିଥିବା ଭ୍ରମଣାନୁଭୂତିକୁ ସେ ଏଥିରେ ଲିପିବଦ୍ଧ କରିଛନ୍ତି । ଏଥିରେ ବୈତରଣୀ ଅବବାହିକା ଅନ୍ତର୍ଗତ କୁଆଁରଗ୍ରାମ, କୁଆଁରଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଲକ୍ଷ୍ମୀପାଟ, ଭୂୟାଁପୀଢ, ଗୋନାସିକା ପାହାଡ଼, ଜୁଆଙ୍ଗଗ୍ରାମ, ବୈତରଣୀ ନଦୀ, ଋଷିସଭା ଆଦିର ଧାରାବାହିକ ବର୍ଣ୍ଣନାରହିଛି । ଯେପରି, ସେଠାକାର ଭୂୟାଁଜାତିର ସ୍ୱାଧୀନତା ଓ ବିବାହକୁ ଲକ୍ଷ୍ୟକରିଛନ୍ତି ଲେଖକ । ତାଙ୍କ ବିବରଣୀ ଅନୁସାରେ : *"ପ୍ରତ୍ୟେକ ଆଦିମଜାତି ପରି ଭୂୟାଁମାନଙ୍କ ମଧ୍ୟରେ ସ୍ତ୍ରୀ ସ୍ୱାଧୀନତା ଯଥେଷ୍ଟ ଅଛି । ଅଧିକାଂଶ ସ୍ଥଳରେ ପରସ୍ପର ପ୍ରତି ପ୍ରଣୟଜନ୍ମିଲେ ସ୍ତ୍ରୀ ପୁରୁଷର ପ୍ରଣୟ ସଂଗଠିତ ହୁଏ । କଥୋପକଥନ ପ୍ରସଙ୍ଗରେ ଆମ୍ଭେମାନେ ଜଣେ ପ୍ରୌଢଭୂୟାଁକୁ ପଚାରିଲୁଁ "ତୁମ ପୁଅକୁ ବାହା କରେଇଛ ?" ପ୍ରୌଢ କହିଲେ, 'ନା, ବାହା କରେଇନାହିଁ । ଭେଣ୍ଡିଆ ହେଲାଣି, ତା' ମନକୁ ଆସିଲେ ବଳେ ଗୋଟାଏ ନେଇଆସିବ । ଆଜି ଖଣ୍ଡିଏ ପାନଦେବ, କାଲି ଟିକିଏ ଧୂଆଁପତ୍ର ଦେବ, ଏହିପରି କନ୍ୟାର ମନ ବସିଗଲେ ବାହା ହୋଇଗଲା ।' ଏହିକଥାରୁ ପାଠକବର୍ଗ ଏମାନଙ୍କ ସରଳଜୀବନ ଏବଂ ବିବାହପ୍ରଥାର ପରିଚୟ ପାଇପାରିବେ ।"* ପୁନଶ୍ଚ ଭ୍ରମଣକାଳରେ ରାଧାନାଥ ତତ୍କାଳୀନ କେନ୍ଦୁଝର-ଆନନ୍ଦପୁର ମାର୍ଗ, ଘଟଗାଁ ତାରିଣୀ ଆଦିର ପରିଚୟ ପ୍ରଦାନ କରିଛନ୍ତି; ଯହିଁରୁ ଅତୀତର କେନ୍ଦୁଝରକୁ ନିରେଖିବାର ଅବସର ପାଇପାରିବେ ପାଠକେ । ଲେଖକଙ୍କ ଭାଷାରେ : *"କେନ୍ଦୁଝରରେ ଆମ୍ଭେମାନେ ଦୁଇଦିନ ମାତ୍ର ଅବସ୍ଥାନ କରି ବସନ୍ତପୁର, ତରା, ବାଲିଯୋଡ଼ି ତୀରସ୍ଥିତ ଆନନ୍ଦପୁରରେ ଉପସ୍ଥିତ ହେଲୁଁ । ମାର୍ଗମଧ୍ୟରେ ଉଚିତ ବ୍ୟବଧାନରେ ମହାରାଜା ପୁଷ୍କରିଣୀମାନ ଖୋଳାଇଦେଇ ଅଛନ୍ତି । ମାତ୍ର ଆଜିପର୍ଯ୍ୟନ୍ତ ଆନନ୍ଦପୁରକୁ କେନ୍ଦୁଝରଗଡ଼କୁ ଗୋଟିଏସଡ଼କ ପ୍ରସ୍ତୁତ ନହେବା ଅତ୍ୟନ୍ତ ଦୁଃଖରକଥା । ଏମାର୍ଗ ଏମନ୍ତ କିଛି ବନ୍ଧୁର ଅଥବା ପର୍ବତସଙ୍କୁଳ ନୁହେଁଯେ, ରାଜପଥ ନିମନ୍ତେ ବ୍ୟୟସ୍ଥ ହେବ । ଏ ମାର୍ଗରେ ଗମନାଗମନ ସମୟରେ ଲୋକେ କିପରି କଷ୍ଟରେ ପଡ଼ନ୍ତି, ଆମ୍ଭେମାନେ ତାହା ଅନୁଭବରୁ ଜାଣିଅଛୁଁ । ସମଗ୍ର ଗଡ଼ଜାତ ଭ୍ରମଣର କଷ୍ଟ ଏହି ଅଞ୍ଚଳରେ କେନ୍ଦ୍ରୀଭୂତ ପ୍ରାୟ ବୋଧହେଲା । ଏହି ମାର୍ଗରେ ମଧ୍ୟରେ ଘଟଗାଁ ସର୍ବପ୍ରଧାନ ସ୍ଥାନ । କେନ୍ଦୁଝରର ପ୍ରଧାନଦେବୀ ତାରିଣୀ ଏହିଠାରେ ଅଧିଷ୍ଠିତ । ଦେବୀଙ୍କର ଦୁଇମୂର୍ତ୍ତି । ପଥର ପାର୍ଶ୍ୱବର୍ତ୍ତୀ ଗୋଟିଏ କୁଞ୍ଜ ମଧ୍ୟରେ ଯେଉଁ ମୂର୍ତ୍ତି ପ୍ରତିଷ୍ଠିତ, ତାହା ସାଧାରଣ ଲୋକେ ଦେଖନ୍ତି ଏବଂ ପୂଜା କରନ୍ତି । ରାଜାଙ୍କ ଦର୍ଶନସକାଶେ ଅରଣ୍ୟ ମଧ୍ୟରେ ସ୍ୱତନ୍ତ୍ର ମୂର୍ତ୍ତି ଅଛନ୍ତି । ଶୁଣିବାରେ ରାଜା ଏବଂ ଦେହୁରୀ ବ୍ୟତୀତ ଏ ମୂର୍ତ୍ତି ଦେଖିବାର ଆଉ କାହାରି ଅଧିକାର ନାହିଁ । ଦେବୀଙ୍କଠାରେ ବଳିଦାନ ନିମିତ୍ତ ଅନେକ ଛାଗ ଆସୁଥିବାର ଦେଖାଗଲା ।"*

ଏହି ଭ୍ରମଣ ରାଧାନାଥଙ୍କ କାବ୍ୟକୃତିକୁ ମଧ୍ୟ ପ୍ରଭାବିତ କରିଛି ପରବର୍ତ୍ତି କାଳରେ । କେନ୍ଦୁଝରର ପ୍ରାକୃତିକ ସୁଷମା, ଆଦିବାସୀ ମଣିଷ ଓ କାରୁଶିଳ୍ପ ତାଙ୍କୁ ବେଶ୍ ଆକର୍ଷିତ କରିଥିଲା, ଯାହାକୁ ସେ ପ୍ରସଙ୍ଗକ୍ରମେ ଆପଣାର କାବ୍ୟରେ ଆଙ୍କିବାକୁ ପ୍ରଯତ୍ନ କରିଅଛନ୍ତି । ବୈତରଣୀ ନଦୀର ଉତ୍ପତ୍ତି ଏବଂ ପବିତ୍ରତା ସମ୍ବନ୍ଧରେ କବିବର 'ପାର୍ବତୀ'ରେ ଉଲ୍ଲେଖ ଅଛି :

"ଖଣ୍ଡାଧାର ଚଣ୍ଡ- ପ୍ରପାତ-ଶବଦେ
ଝଙ୍କାରିତ ଗର୍ଭ ଯା'ର
ଅଟଇ ଯେ ସ୍ଥଳୀ ବୈତରଣୀଙ୍କର
ନିର୍ଜନ ସୂତିକାଗାର ।

'ଉଷା' କାବ୍ୟରେ କୁହାଯାଇଛି :

"ଗୋନାସିକା-ଶୈଳ-ସୁତା-ପୁତା-ସ୍ରୋତେ ଢାଳେ ଯେ ଜଳ
ପ୍ରକ୍ଷାଳି ସଙ୍ଗମେ ଆଖଣ୍ଡଳମଣି-ପାଦ-କମଳ ।"

'ପାର୍ବତୀ'କାବ୍ୟରେ ଭୂୟାଁମାନଙ୍କ ବୀରତ୍ୱ ସମ୍ବନ୍ଧରେ ରାଧାନାଥ କହିଛନ୍ତି :

"ଦଣ୍ଡଦେବୀ ଅଧିଷ୍ଠିତ ସେହି ଶୈଳେ
ଶାଳ କାଷ୍ଠ କରି ଗଦା
ଅନଳ ଲଗାଇ ହୋଇଥିବେ ମତ୍ତ
ସଙ୍ଗୀତେ ଭୂୟାଁ ପ୍ରମୋଦା ।"

ସେହିପରି 'ଫକୀରମୋହନ ସେନାପତିଙ୍କ ରଚନାରେ ମ୍ଭ କେନ୍ଦୁଝରର ବିସ୍ତୃତ ବିବରଣୀକୁ ପାଠକେ ଲକ୍ଷ୍ୟକରିଥାନ୍ତି । କେନ୍ଦୁଝର କିଲ୍ଲାକୁ ମ୍ୟାନେଜର ହୋଇଆସିବା ପରେ ଆନନ୍ଦପୁର, ଘଟଗ୍ରାମ(ଘଟଗାଁ), ରାଇସୁଆଁ ସହ ତାଙ୍କର ପ୍ରତ୍ୟକ୍ଷ ସଂପର୍କ, ପ୍ରଜାବିଦ୍ରୋହ ଏବଂ ଭୂୟାଁମେଳି ସହ ଥିବା ଓତଃପ୍ରୋତତା ଆଦି ଅନେକପ୍ରସଙ୍ଗ ତାଙ୍କ ସ୍ୱୀକାରୋକ୍ତିରୁ ଜଣାପଡ଼େ । *'ଆତ୍ମଚରିତ'* ଏବଂ *'ଉତ୍କଳ ଭ୍ରମଣଂ'* ଏହାର ଯଥାର୍ଥ ପ୍ରମାଣ । ଏହି ପୁସ୍ତକରେ କେନ୍ଦୁଝର ଭ୍ରମଣ ଏବଂ ସେଠାରେ ନିଜର କାର୍ଯ୍ୟଧାରା ସଂପର୍କରେ ସେ ସୂଚନା ପ୍ରଦାନ କରିଅଛନ୍ତି । ତେଣୁ ଲକ୍ଷ୍ୟକଲେ ଜଣାଯାଏ, ବହୁ ସାହିତ୍ୟିକଙ୍କ ଲେଖାରେ କେନ୍ଦୁଝରକୁ ନେଇ ଆଲେଖ୍ୟ ପ୍ରକାଶିତ ହୋଇଛି । ଭ୍ରମଣଜନିତ ଆବେଦନ ତହିଁରେ ଊଣାଅଧିକେ ଦୃଷ୍ଟିଗୋଚର ହୋଇଥାଏ । ସେହିପରି ୧୯୦୭ ମସିହାରେ 'ଉଦାସୀ' ଛଦ୍ମନାମରେ ଉମେଶଚନ୍ଦ୍ର ସରକାର *'କେନ୍ଦୁଝର ବିଦ୍ରୋହ'* ନାମକ ଧାରାବାହିକ ଉପନ୍ୟାସ ରଚନା କରିଥିବାର ଜଣାଯାଏ; ମାତ୍ର ତାହା ଅସଂପୂର୍ଣ୍ଣ ରହିଯାଇଥିଲା ।

କେନ୍ଦୁଝର ବହୁ ଆଗନ୍ତୁକ, ଭ୍ରମଣକାରୀ, ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । କେବଳ ଓଡ଼ିଆ ସାହିତ୍ୟ କାହିଁକି, ବଙ୍ଗୀୟ ଭ୍ରମଣସାହିତ୍ୟରେ ମ୍ଭ କେନ୍ଦୁଝର ସ୍ଥାନିତ ହୋଇଛି । ବିଂଶ ଶତାବ୍ଦୀର ଦ୍ୱିତୀୟଦଶକ ବେଳକୁ ମଣୀନ୍ଦ୍ରନାଥ ମୁସ୍ତୋଁ'ୀ ନାମକ ଜଣେ ବଙ୍ଗୀୟ ବ୍ୟକ୍ତି କେନ୍ଦୁଝର ଭ୍ରମଣରେ ଆସି ତାଙ୍କ ଭ୍ରମଣାନୁଭୂତି ବା ଭ୍ରମଣବୃତ୍ତାନ୍ତକୁ ତତ୍କାଳୀନ ବଙ୍ଗ ସାହିତ୍ୟ-ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ କରାଇଥିଲେ । ଯହିଁରେ ତତ୍କାଳୀନ କେନ୍ଦୁଝରର ଅବସ୍ଥା, ଗଡ଼ଜାତ ଶାସନ ଓ ଶାସକଙ୍କ ପରିଚୟ, ଲୋକସମାଜ. ଚଳଣି-ପରମ୍ପରା, ଗମନାଗମନ ବ୍ୟବସ୍ଥା, ଆଦିବାସୀ ମଣିଷର ପରିଚୟ, ବିଭିନ୍ନ ସ୍ଥାନର ପ୍ରତ୍ୟକ୍ଷ ବିବରଣୀ ପ୍ରଦତ୍ତ ହୋଇଛି । ଏଥିରେ ଅତୀତର କେନ୍ଦୁଝରଗଡ଼କୁ ପାଠକେ ଭେଟିବାସହ ତତ୍କାଳୀନ ଗଡ଼ଜାତୀ ଇଲାକା, ରାସ୍ତାଘଟ, ଗମନାଗମନ ବ୍ୟବସ୍ଥା, ସ୍ଥାନୀୟ ଜୀବନ-ଜୀବିକାକୁ ମ୍ଭ ଦେଖିବାର ସୁଯୋଗ ପାଇଥାନ୍ତି । ସେହି ଭ୍ରମଣ ପ୍ରସଙ୍ଗ ସଂପର୍କରେ ଓଡ଼ିଆ ପାଠକଙ୍କୁ ଅବଗତ କରାଇବା ହେଉଛି ଉକ୍ତ ପ୍ରବନ୍ଧର ଉଦ୍ଦେଶ୍ୟ ।

ବଙ୍ଗଳାର ଜଣେ ସୁପରିଚିତ ଭ୍ରମଣକାରୀ ଭାବରେ ମଣୀନ୍ଦ୍ରନାଥ ମୁସ୍ତୋଫୀଙ୍କୁ ସ୍ମରଣ କରାଯାଏ । ଯାହାଙ୍କ ସଂପର୍କରେ ବଙ୍ଗ ସାହିତ୍ୟରେ ମଧ୍ୟ ବିଶେଷ ଅଭାଲୋଚନା ହେବାର ଲକ୍ଷ୍ୟ କରାଯାଏ ନାହିଁ । ସାଇକେଲରେ ଭାରତ ଭ୍ରମଣକରିବାରେ ସେ ହିଁ ପଥିକୃତ୍ । ଓଡ଼ିଶା ଭ୍ରମଣ ବିଶେଷକରି କେନ୍ଦୁଝର ଭ୍ରମଣରେ ଆସି ସେଠାକାର ପ୍ରକୃତି, ପରିବେଶ, ଗଡ଼ଜାତ ମହଲ, ସ୍ଥାନୀୟ ଆଦିବାସୀ ଏବଂ ଅଧିବାସୀଙ୍କ ଜୀବନଧାରାକୁ ଅବଲୋକନ କରି ମୁଗ୍ଧ ହୋଇଛନ୍ତି । ସେହି ମୁଗ୍ଧବିଭୋର ଅନୁଭୂତିକୁ ସେ ଲିପିବଦ୍ଧ କରିଛନ୍ତି ତାଙ୍କ ଭ୍ରମଣବୃତ୍ତାନ୍ତରେ । ଜଣେ ବଙ୍ଗୀୟ ପର୍ଯ୍ୟଟକ ଦୃଷ୍ଟିରେ କେନ୍ଦୁଝରର ଭୌଗୋଳିକ ଅବସ୍ଥିତି ଯେପରି ରୂପାୟିତ ହୋଇଛି ; ତାଙ୍କ ଲେଖକୀୟ ଆବେଦନ ଭିତରେ ସେହି ଅନୁଭୂତି ଓ ଅନୁରାଗ ବେଶ୍ ସୁନ୍ଦର ଭାବରେ କଳାତ୍ମକ ରୂପ ପରିଗ୍ରହ କରିଛି । ୧୯୨୭ ମସିହା ଅକ୍ଟୋବର ୧ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ନିଜ ସାଥୀମାନଙ୍କ ସହ ସାଇକେଲରେ କଲିକତାରୁ ପୁରୀ ଯାତ୍ରା କରିଥିଲେ । ୨୨ଦିନ ଭିତରେ ଅତିକ୍ରାନ୍ତ ପଥ ୮୨୬ ମାଇଲ । କଲିକତାରୁ ଗ୍ରାଣ୍ଡ୍ ଟ୍ରଙ୍କ୍ ରୋଡ୍‌ଧରି ବରାକର ବାମପଥ ଦେଇ ପୁରୁଲିଆ, ରାଞ୍ଚି, ଚାଇଁବସା, ଟାଟାନଗର, କେନ୍ଦୁଝର, ଯାଜପୁର, କଟକ, ଭୁବନେଶ୍ୱର ଏବଂ ଚିଲିକା ହ୍ରଦ ଦେଖି ପୁରୀଧାମରେ ପଦାର୍ପଣ କରିଥିଲେ । ଏହି ଭ୍ରମଣାନୁଭୂତିକୁ ସେ *'ଦ୍ୱିଚକ୍ରେ କ୍ୟାଲ୍‌କାଟା ଟୁଇଲାର୍ସ'* ଶୀର୍ଷକ ଭ୍ରମଣବୃତ୍ତାର ବର୍ଣ୍ଣନା କରିଛନ୍ତି । ୧୯୨୭ ମସିହାରେ *'ଭାରତବର୍ଷ'* ପତ୍ରିକାର ଜ୍ୟେଷ୍ଠ ୧୩୩୫ ବଙ୍ଗାବ୍ଦର ୧୫ ତମ ସଂଖ୍ୟାରେ ଏକ ସଂକ୍ଷିପ୍ତ ଅଂଶ ପ୍ରକାଶ କରିଥିଲେ । କେନ୍ଦୁଝର ଅଭିମୁଖେ ଯାତ୍ରା କରିଥିଲେ ଅକ୍ଟୋବର ୧୨ରୁ । ପରେ ଜାମସେଦପୁର ଟାଟା କାରଖାନା ଦର୍ଶନ, ଚାଇଁବସାଦେଇ କରଦରାଜ୍ୟ କେନ୍ଦୁଝର ଯାତ୍ରା । ପରବର୍ତ୍ତୀକାଳରେ ସେ ତାଙ୍କ ଭ୍ରମଣଗ୍ରନ୍ଥ *'ଭ୍ରମଣେର ନେଶା'*ରେ ଏହାକୁ ସଂଯୋଜିତ କରିଛନ୍ତି ।

ସିଂହଭୂମର ଚାଇଁବସା ଛାଡ଼ି ସାଥୀମାନଙ୍କ ସହ ସାଇକେଲରେ ବାରମାଇଲ ଜଙ୍ଗଲରାସ୍ତା ଦେଇ ଯିବାପରେ ବୈତରଣୀ ନଦୀକୂଳେ ଆସି ପହଞ୍ଚିଛନ୍ତି ଲେଖକ । ସିଂହଭୂମ ଜିଲ୍ଲାର ଶେଷସୀମା ଜୟନ୍ତୀଗଡ଼ ଗ୍ରାମରେ ବିଶ୍ରାମକରି ନଦୀର ଆରପାରିରେ ଥିବା କେନ୍ଦୁଝର ରାଜ୍ୟର ଶୋଭାକୁ ଉପଭୋଗ କଲାପରେ ନଦୀ ଉପରେ ବନ୍ଧାଯାଇଥିବା ଅସ୍ଥାୟୀ ସେତୁରେ ବୈତରଣୀ ପାରହୋଇ କେନ୍ଦୁଝର ରାଜ୍ୟର ମହକୁମା ଚମ୍ପୁଆରେ ଆସି ଉପସ୍ଥିତ ହୋଇଥିଲେ । ସେଠାକାର କୋତ୍‌ୱାଲ୍ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନକୁମାର ବନ୍ଦ୍ୟୋପାଧ୍ୟାୟଙ୍କ ସାହଚର୍ଯ୍ୟ ଲାଭକରିଥିଲେ । ଅକ୍ଟୋବର ୧୬ରେ ପୁଣି ଚମ୍ପୁଆରୁ ଆଗକୁ ବଢ଼ିଲେ । ଦଳର କ୍ୟାପ୍‌ଟେନଙ୍କ ସାଇକେଲର ଫ୍ରି-ହୁଇଲ୍ ଭାଙ୍ଗିଯିବା କାରଣରୁ ପଳାଶପଙ୍ଗାରେ ଅଟକିଲେ । ସେଠାକାର ହାଟରୁ କିଛି ଆବଶ୍ୟକୀୟ ସାମଗ୍ରୀ କିଣିଥିଲେ । ସେକାଳରେ କେନ୍ଦୁଝରରେ ପ୍ରଚଳିତ ବ୍ୟବସାୟ ସଂପର୍କରେ ଲେଖକ କହିଛନ୍ତି :*"ଏଠାରେ ପଇସାଦ୍ୱାରା ଦ୍ରବ୍ୟାଦି କ୍ରୟକରିବା ଅପେକ୍ଷା କୌଣସି ଦ୍ରବ୍ୟ ପରିବର୍ତ୍ତେ ଦ୍ରବ୍ୟ କ୍ରୟ କରିବାର ରୀତି ଅଧିକ ପ୍ରଚଳିତ ।"* କୌଣସି ସ୍ଥାନରେ ସାଇକେଲର ଫ୍ରି ହୁଇଲ ବା ମରାମତିର ସୁଯାଗ ନପାଇ ବହୁ କଷ୍ଟରେ ୨୨ମାଇଲ ଉଠାଣି ଗଡ଼ାଣି ରାସ୍ତାରେ ସାଥୀ ସାଇକେଲ ଆରୋହୀଙ୍କ ସହଯୋଗରେ ଆସି

ପଦାର୍ପଣ କରିଛନ୍ତି କେନ୍ଦୁଝରର ରାଜଧାନୀରେ । ଆସିବାକାଳରେ ଚମ୍ପୁଆ ରାସ୍ତା, ପଳାଶପଙ୍ଗା ଅଞ୍ଚଳର ମୁଗ୍ଧକର ବର୍ଣ୍ଣନା ପ୍ରଦାନ କରିଛନ୍ତି ଲେଖକ । ବଣପାହାଡ଼ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟମଣ୍ଡିତ କେନ୍ଦୁଝରର ଶୋଭାଶ୍ରୀ ଲେଖକଙ୍କୁ ହତବାକ୍ କରାଇଛି । କେନ୍ଦୁଝରର ରାଜଉଆସ, ଗଡ଼ଦର୍ଶନ ସହ ମହାରାଜା ବଳଭଦ୍ର ଭଞ୍ଜଦେଓଙ୍କ ଆତିଥ୍ୟ ଲାଭକରି ସେ ହୋଇଛନ୍ତି ଚମତ୍କୃତ । କେନ୍ଦୁଝରର ଅବସ୍ଥିତି, ସେଠାକାର ରାଜଉଆସ, ରାସ୍ତାଘାଟର ବର୍ଣ୍ଣନାଦେଇ ଲେଖକ କହିଛନ୍ତି : *"କିୟଣ୍‌ଝଡ଼(କେନ୍ଦୁଝର) ଏକ ସୁନ୍ଦର ପାହାଡ଼ୀ ସହର । ରାଜ୍ୟର ପରିସର ପ୍ରାୟ ୩୦୯୬ ବର୍ଗମାଇଲ । ଉଚ୍ଚନୀଚ ଚଉଡ଼ା ରାସ୍ତାଗୁଡ଼ାକ ସହରସାରା ବିକ୍ଷିପ୍ତ । ଚତୁର୍ଦ୍ଦିଗରେ ପାହାଡ଼ସବୁ ସହରଟିକୁ ପ୍ରାଚୀରଭଳି ଗଡ଼ବନ୍ଦୀ କରିରଖିଛି । ଉଦ୍ୟାନବେଷ୍ଟିତ ଘରଗୁଡ଼ିକ ସବୁଯାକ ବଙ୍ଗଳୋ ଭଳି । ଯେଉଁମାନେ ରାଜ୍ୟ ସରକାରଙ୍କ ପାଖରେ କାମ କରନ୍ତି, ସେମାନଙ୍କ ବ୍ୟତୀତ ଏ ସହରର ବେଶୀଭାଗ ଜଙ୍ଗଲୀ ଓ ଓଡ଼ିଆ । ରାଜ୍ୟର ଲୋକସଂଖ୍ୟା ପ୍ରାୟ ତିନିଲକ୍ଷ । କେନ୍ଦୁଝର ବହୁ ପୁରାତନ କରଦରାଜ୍ୟ (Feudatory State) । ଏଠାକାର ବର୍ତ୍ତମାନର ରାଜା (Chief) ବଳଭଦ୍ର ଭଞ୍ଜଦେଓ ନାବାଳକ ହୋଇଥିବାରୁ ରାଜ୍ୟର ସୁପରିଟେଣ୍ଡେଣ୍ଟ ରାଜକାର୍ଯ୍ୟ ପରିଚାଳନା କରନ୍ତି । ଶ୍ରୀଯୁକ୍ତ ପ୍ରାଣବଲ୍ଲଭ ଦେ S.D.O ମହାଶୟ ଏବେ ଏଠାକାର Acting Superitendent । ଶୁଣିଲି, ରାଜା ବାହାଦୂର ଖୁବ୍‌ଶୀଘ୍ର ସାବାଳକତ୍ୱ ପ୍ରାପ୍ତ ହେବେ । ଏହାଙ୍କ ପିତା ସ୍ୱର୍ଗୀୟ ରାଜା ଗୋପୀନାଥ ନାରାୟଣ ଭଞ୍ଜଦେଓ ଅତିଶୟ କଡ଼ା ଓ ନିପୁଣ ବିଜ୍ଞ ରାଜା ଥିଲେ । ଉକ୍ତ ରାଜ୍ୟର ବାର୍ଷିକଆୟ ପ୍ରାୟ ଦଶଲକ୍ଷ ଟଙ୍କା ଏବଂ ରକ୍ଷିତ ବଣଜଙ୍ଗଲ ଆଦିରୁ ପ୍ରାପ୍ତ କରିଥାନ୍ତି ତିନିଲକ୍ଷ ଟଙ୍କା । ଏଠାକାର ଜଗନ୍ନାଥ ଦେବଙ୍କ ମନ୍ଦିର ଓ ଦରବାର ହେଉଛି ଦେଖିବାର ଜିନିଷ । ରାଜା ବଳଭଦ୍ର ଦେବଙ୍କ ପୁରାତନ ପ୍ରାସାଦ ସହରରୁ ପ୍ରାୟ ୧୦ ମାଇଲ ଦୂରରେ ପାହାଡ଼ କଟାଯାଇ ତିଆରି କରାଯାଇଛି । ସେ ପ୍ରାସାଦ ଗୋଟିଏ ଅନ୍ଧକାରମୟ ଦୁର୍ଗଭଳି । ସେଥିପାଇଁ ସେହିକାଳର ପ୍ରାସାଦରେ ବାସକରିବାର ଅସୁବିଧା ହେତୁ ରାଜା ବାହାଦୂରଙ୍କ ସହର ମଧ୍ୟରେ ନୂତନ ରାଜବାଟୀ ନିର୍ମିତ ହେଉଛି ।"* (ଭାରତବର୍ଷ-୧୯୨୭, ପୃଷ୍ଠା-୮୯୪)

ରାଜାଙ୍କ ଆତିଥ୍ୟ ଏବଂ ଆନ୍ତରିକପୂର୍ଣ୍ଣ ବ୍ୟବହାରରେ ଲେଖକଙ୍କ ସମେତ ଅନ୍ୟସମସ୍ତ ସାଇକେଲ ଯାତ୍ରୀ ବେଶ୍ ଉଲ୍ଲସିତ ହୋଇଥିଲେ । ରାଜା ବଳଭଦ୍ର ଭଞ୍ଜଦେଓ ମଧ୍ୟ ଦରବାରରେ ସେମାନଙ୍କର ରାତ୍ରିରହଣିର ବ୍ୟବସ୍ଥା କରାଇଥିଲେ । ଲେଖକ ତାଙ୍କ ଭ୍ରମଣସାହିତ୍ୟରେ କେନ୍ଦୁଝର ରାଜାଙ୍କ ଆତିଥେୟ ଏବଂ ଅତିଥି ପରାୟଣତାକୁ ଉଲ୍ଲେଖ କରିଅଛନ୍ତି । ରାଜା ଆଗନ୍ତୁକଙ୍କ ବିଦାୟପାଇଁ ଏକ ସଭାର ଆୟୋଜନ କରିବାସହ ଖରାପ ହୋଇଯାଇଥିବା ସାଇକେଲ ପାଇଁ ଫ୍ରି ହୁଇଲ୍‌ର ବ୍ୟବସ୍ଥା କରାଇଛନ୍ତି । ଜଣେ ରାଜକର୍ମଚାରୀ ତାଙ୍କ ପାଖରେ ଥିବା ସାଇକେଲରୁ ତାହାକୁ ଖୋଲି ଭ୍ରମଣକାରୀଙ୍କ ସାଇକେଲ ଉଦ୍ଦେଶ୍ୟରେ ଦେବାରୁ ସମସ୍ୟାର ସମାଧାନ ହୋଇପାରିଛି । ସେ ସମୟରେ ସାଇକେଲର ପ୍ରଚଳନ କେତେଜଣ ମୁଷ୍ଟିମେୟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ସୀମିତ ଥିଲା । ତେଣୁ, ଗଡ଼ଜାତ ମହଲରେ ସାଇକେଲ ମରାମତିପାଇଁ ଦୋକାନ ବା ଆବଶ୍ୟକୀୟ ଉପକରଣ ମିଳିବା ଥିଲା ଦୁର୍ଲ୍ଲଭ । ଲେଖକଙ୍କ ବର୍ଣ୍ଣନାଭିତରେ ସେହିସବୁ ପରିସ୍ଥିତିର ଏକ ସ୍ଥିରଚିତ୍ରକୁ ପାଠକେ ଲକ୍ଷ୍ୟକରିପାରନ୍ତି । ପୁନଶ୍ଚ, ଘଟଗାଁ ଅଭିମୁଖେ ଯାତ୍ରାକରିବା ପୂର୍ବରୁ ରାଜା ଟେଲିଫୋନ୍‌ଯୋଗେ ସେଠାକାର ଦାରୋଗାବାବୁଙ୍କୁ କହି ସେମାନଙ୍କ ଲାଗି ବିଶ୍ରାମର ବ୍ୟବସ୍ଥା କରାଇଦେବାଆଦି ଘଟଣାବଳୀକୁ ଲେଖକ ମଣୀନ୍ଦ୍ରନାଥ ଆବେଗପୂର୍ଣ୍ଣ ଶୈଳୀରେ ଉପସ୍ଥାପନ କରିଛନ୍ତି । ଏଥିସହିତ ସେଠାରୁ ଯିବାସମୟରେ ଦେଖିଥିବା ସେଠାକାର ଘଞ୍ଚ ଜଙ୍ଗଲ ଓ ପରିବେଶକୁ ସେ ନିଖୁଣଭାବରେ ସ୍ଥାନିତ କରିଛନ୍ତି ଉକ୍ତ ଭ୍ରମଣକାହାଣୀରେ । ଘଟଗାଁର ନିବିଡ଼ ଅରଣ୍ୟ ସହ ଜଙ୍ଗଲୀ ଜନ୍ତୁମାନଙ୍କର ଅବାଧ ବିଚରଣର ପ୍ରସଙ୍ଗକୁ ପଢ଼ିଲେ ଏକ ରହସ୍ୟ-ରୋମାଞ୍ଚକର ଯାତ୍ରାକୁ ପ୍ରତ୍ୟକ୍ଷ କଲାଭଳି ଅନୁଭବ ହେବ । ସେଠାକାର ପରିବେଶର ବର୍ଣ୍ଣନା ଦେଇଛନ୍ତି ଲେଖକ ଏହିପରି : *" ପ୍ରାୟ ସାଢେ ବାରଟାରେ 'ଘଟଗାଁ' ନାମକ କ୍ଷୁଦ୍ର ଗ୍ରାମରେ ଆସି ପହଞ୍ଚିଲୁ । ଏଠାରେ ଗୋଟିଏ ଥାନା ରହିଛି । ରାଜାବାହାଦୂର ଟେଲିଫୋନ୍ ଯୋଗେ ଏଠାକାର ଦାରୋଗାବାବୁଙ୍କୁ ଆମମାନଙ୍କର ବିଶ୍ରାମର ସମସ୍ତ ବନ୍ଦୋବସ୍ତ କରିବାପାଇଁ ଜଣାଇଦେଇଥିଲେ । ଆମେମାନେ ପହଞ୍ଚିବା ମାତ୍ରେ ଦାରୋଗାବାବୁ ସାଦରେ ଅଭ୍ୟର୍ଥନା ଜଣାଇଲେ । ସ୍ନାନାହାର ଶେଷକରି ନିନ ପ୍ରାୟ ଅଢେଇଟା ସମୟରେ ବାହାରିପଡ଼ିଲୁ । ଏଇ ଥାନାର କିଛିବାଟ ଗଲାପରେ କେନ୍ଦୁଝର ରାଜ୍ୟର ସୁବିଖ୍ୟାତ ବିଶାଳ ବନଭୂମି 'ଘଟଗାଁ-ଜଙ୍ଗଲ' ଏଥର ୨୦ ମାଇଲ ଧରି ପଡ଼ିବ । ରାସ୍ତାସାରା ବାଲି । ଗାଡ଼ିର ଚକା ମଝିରେ ମଝିରେ ବସି ଯାଉଥାଏ, ପୁଣି ଖସିଯାଇ ଆରୋହୀ ସମେତ ଖସିପଡୁଥାଉ । କେଉଁଠାରେ ସ୍ଥାନେସ୍ଥାନେ ଚାରାଗଛ ଜନ୍ମିଛି । ବିକ୍ଷିପ୍ତ ପ୍ରସ୍ତରଖଣ୍ଡ ମଝିରେ ଗାଡ଼ିର ଗତିକୁ ସଂଯତ କରିବାକୁ ହେଉଥିଲା । ଦୁଇପାର୍ଶ୍ୱର ନିର୍ମୁକ୍ତ ଭୂମିଖଣ୍ଡ କ୍ରମେକ୍ରମେ ଶାଳ, ବେଲ, ନିମ୍ବ, ଆତ ପ୍ରଭୃତି ବୃକ୍ଷରାଜିଦ୍ୱାରା ଘନ ସନ୍ନିବିଷ୍ଟ ହୋଇପଡୁଥାଏ । ଅରଣ୍ୟାଭ୍ୟନ୍ତର ମଧ୍ୟାହ୍ନରେ ବି ଅନ୍ଧକାରରେ ପରିଣତ ହୋଇଗଲା । ଛୋଟବଡ଼ ଅସଂଖ୍ୟ ପାହାଡ଼ କ୍ରମଶଃ ମୁଣ୍ଡଉଠାଇ ଛିଡ଼ାହେବାକୁ ଲାଗିଲା । ବଣ ଆରମ୍ଭ ହେଲା । xxx ଜନପ୍ରାଣୀହୀନ ନିରୋଳା ବନପଥରେ ଶଙ୍କିତ ହୃଦୟରେ ଅତି ସନ୍ତର୍ପଣରେ ଆଉ କେତେପାଦ ଆଗକୁ ବଢ଼ିବାମାତ୍ରେ, ଦେଖିଲି କି ସାଂଘାତିକ ! ବଣୁଆହାତୀଙ୍କ ଦଳ ଉନ୍ମତ୍ତଙ୍କ ଭଳି ଏଇ ବନରାଜିକୁ ଲୁପ୍ତ ବିଲୁପ୍ତକରି ସେମାନଙ୍କ ଶକ୍ତିର ପରିଚୟ ଦେଉଥାନ୍ତି । ଅଜ୍ଞାନତାବଶତଃ କେତେବେଳେଯେ ଗାଡ଼ିରୁ ଓହ୍ଲାଇପଡ଼ିଛି, ତାହା ସ୍ମରଣ ନାହିଁ । ବନ୍ଧୁମାନେ ପଛରେ ଆସୁଥିଲେ,*

*ସେମାନେ ମୋତେ ଏଇଭଳି ଗାଡ଼ିରୁ ଓହ୍ଲାଇବା ଦେଖି ଯେତେବେଳେ ପ୍ରଶ୍ନକଲେ, "ଘଟଣା କ'ଣ ?" ସେତେବେଳକୁ ମୋର ଜ୍ଞାନ ଆସିଲା । ଶୀଘ୍ରଶୀଘ୍ର ବଣ ଭିତରକୁ ଅଙ୍ଗୁଳି ନିର୍ଦ୍ଦେଶକରି ସେଇ ଅଭାବନୀୟ ଦୃଶ୍ୟ ଦେଖାଇବାକ୍ଷଣି ହିଁ, ଏଥର ଯେ ଗୋଟାଏ ପ୍ରଳୟଆସି ଉପସ୍ଥିତ ମନେକରି ସମସ୍ତଙ୍କର ମୋଭଳି ଅବସ୍ଥା ହେଲା । ××× ସ୍ଥାନେସ୍ଥାନେ ନାଳିଭିତରେ ବଡ଼ବଡ଼ ଘାସର ଜଙ୍ଗଲ । ଘାସ ଭିତରେ ବାଘ ମହାଶୟ ଅନାୟାସରେ ଲୁଚିଥାଇ ପାରେ; କିନ୍ତୁ ବାଘ କି ସାପ କଥା ଏସମୟରେ ଆଉ ଆମମାନଙ୍କର ଖିଆଲରେ ନାହିଁ । ଉପସ୍ଥିତ ବିପଦରୁ ରକ୍ଷାପାଇବା ଆଶାରେ ବଡ଼ବଡ଼ ଘାସଗୁଡ଼ିକୁ ମଥିତକରି ଆଗେଇ ଚାଲୁଥାଏ । ମଝିରେ ମଝିରେ ମୁଣ୍ଡଉଠାଇ ଟୋପି ଆଢୁଆଳରେ ହାତୀଦଳଙ୍କ ପ୍ରତି ସଭୟ ଦୃଷ୍ଟିପାତ ମଧ୍ୟ କରୁଥାଏ । ପ୍ରାୟ କୋଡ଼ିଏ ମିନିଟ୍ ଧରି ନାଳିଭିତରେ ଶୋଇଶୋଇ ଆଗକୁ ଯିବାପରେ ଦେଖିଲି ଆଉ ନାଳି ନାହିଁ । ପାହାଡ଼ିରାସ୍ତା ପୂରା ଆଗକୁ ଲମ୍ବିଯାଇଛି । କ'ଣ ଆଉ କରାଯିବ ! ଟୋପି ସାହାଯ୍ୟରେ ବେକଉଠାଇ ଦେଖିଲି, ହାତୀମହାଶୟଙ୍କ ଦଳକୁ ୨୦ଗଜ ଦୂରରେ ଛାଡ଼ିଆସିଛୁ । ତେଣୁ ସମସ୍ତେ ଦ୍ରୁତପଦରେ ରାସ୍ତାକୁ ଉଠି ସାଇକେଲ ଆରୋହଣ କରି ତ୍ରସ୍ତ ହୃଦୟରେ ସେଇ ପାହାଡ଼ିରାସ୍ତାରେ ପ୍ୟାଡ଼େଲ ମାରିମାରି 'ଜୀବନ୍ତ ଜଙ୍ଗଲ' ଅତିକ୍ରମକରି ସନ୍ଧ୍ୟା ଛ'ଟାରେ ଘସିପୁରାରେ ଆସି ସେଠାକାର ଡାକ୍ତରବାବୁଙ୍କ କୃପାରୁ ଦାତବ୍ୟ ଚିକିତ୍ସାଳୟର ଗୋଟିଏ ଘରେ ଆଶ୍ରୟନେଲୁ ।"*

ମନୋରମ ପ୍ରକୃତି ଭିତରେ ହାତୀ-ବାଘଭରା ଘଟଗାଁର ଶାଳଜଙ୍ଗଲର ଭୟାବହ ଦୃଶ୍ୟକୁ ଲେଖକ ଯେପରି ଅନୁଭବ କରିଛନ୍ତି, ସେଠାକାର ଲୋକଜୀବନ, ବିପଦପୂର୍ଣ୍ଣ ପରିବେଶ ଭିତରେ ଜନଜୀବନର ସ୍ୱାଭାବିକତାକୁ ଦେଖି ସେହିପରି ଆଶ୍ଚର୍ଯ୍ୟ ହୋଇଛନ୍ତି । ପାଠକେ ଏହି ବର୍ଣ୍ଣନାଭିତରେ ତତ୍କାଳୀନ କେନ୍ଦୁଝର, ଘଟଗାଁ, ଘସିପୁରା, ଆନନ୍ଦପୁରର ଭୌଗୋଳିକ ରୂପକୁ ଅନୁମାନ କରିପାରିବେ । ଭ୍ରମଣସାହିତ୍ୟରେ ଯେ କେବଳ ଭ୍ରମଣକାରୀର ଆଖିଦେଖା ବିବରଣୀ ସ୍ଥାନିତ ହୋଇଥାଏ ତାହା ନୁହେଁ ; ତହିଁରୁ ଉକ୍ତ ସ୍ଥାନ, ଜନବସତି, ଚଳଣି, ବ୍ୟବସ୍ଥାଦି ସଂପର୍କରେ ଏକ ସ୍ପଷ୍ଟ ଧାରଣା ମଧ୍ୟ କରିହୁଏ । ମଣୀନ୍ଦ୍ରନାଥ ମୁସ୍ତୋ'ଙ୍କର କେନ୍ଦୁଝର ଭ୍ରମଣକୁ ପାଠକଲେ ସେସମୟ ସହିତ ଏବେକାର ସମୟକୁ ଯୋଡ଼ି ତାହାର ପ୍ରଗତିଶୀଳ ଚିତ୍ରକୁ ତୁଳନା କରିପାରିବେ ପାଠକ । ଲେଖକ କେବଳ କେନ୍ଦୁଝରର ପ୍ରାକୃତିକ ଏବଂ ଭୌଗୋଳିକ ଚିତ୍ର ଆଙ୍କିନାହାନ୍ତି ; ସେସବୁକୁ ଆଙ୍କିବାରେ ନିଜର ସୃଜନକଳାକୁ ମଧ୍ୟ ପ୍ରୟୋଗ କରିଛନ୍ତି । ଏହାହିଁ ଭ୍ରମଣ ସାହିତ୍ୟର ବୈଶିଷ୍ଟ୍ୟ । ଭ୍ରମଣାନୁଭୂତି କଳାତ୍ମକ ରୀତିରେ ପରିବେଷଣ ହୋଇପାରିଲେ ତାହା ସାହିତ୍ୟିକ ମର୍ଯ୍ୟାଦା ଲାଭକରି ପାଠକାଦୃତ ହୋଇପାରେ । ବିଂଶ ଶତାବ୍ଦୀରେ କେନ୍ଦୁଝର ଭ୍ରମଣରେ ଆସି ମଣୀନ୍ଦ୍ରନାଥ ଯେପରି ତାହାର ଚିତ୍ରାଙ୍କନ କରିଛନ୍ତି, ଏକବିଂଶ ଶତାବ୍ଦୀରେ ସେହି ଭ୍ରମଣବୃତ୍ତାନ୍ତକୁ ଅଧ୍ୟୟନ କରୁଥିବା ବ୍ୟକ୍ତିମାନେ ଶତାବ୍ଦୀର ପରିବର୍ତ୍ତନ ଭିତରେ ଅତୀତ କେନ୍ଦୁଝରର ଶୋଭାଶିରୀକୁ ତନ୍ମୟରେ ଉପଲବ୍ଧି କରିପାରିବେ । ଲେଖକଙ୍କ ବର୍ଣ୍ଣନାର କାବ୍ୟିକଛଟା ସହ ଚିତ୍ରଧର୍ମୀ ଭାଷାର ବ୍ୟବହାର କେନ୍ଦୁଝରକୁ ବେଶ୍ ଜୀବନ୍ତ କରତୋଳିଛି ବୋଲି କୁହାଯାଇପାରେ । ଯେପରି ଲେଖକ ଅନ୍ୟତ୍ର କହିଛନ୍ତି: *"ଜଙ୍ଗଲୀ କାଠୁରିଆ କାଠକଟା ସାଙ୍ଗକରି ଜଙ୍ଗଲୀ ଗୀତରେ ମତୁଆଲା ହୋଇ ଘରମୁହାଁ ହୋଇ ଚାଲିଛନ୍ତି । ଏଇ ଭୀଷଣ ବନ୍ୟଜନ୍ତୁଭରା ଜଙ୍ଗଲ ରାସ୍ତାରେ ଚାରିଟାପୂର୍ବରୁ ଲୋକ ଚଳାଚଳ ବନ୍ଦ ହୋଇଯାଏ । ଆମେମାନେ ଯେମିତି ଦିନ ଥାଉଁଥାଉଁ ଦୁର୍ଗମପଥ ଅତିକ୍ରମ କରି ଯଶିପୁରରେ ପହଞ୍ଚିପାରିବୁ, ସେହି ଅନୁସାରେ ତ୍ରସ୍ତଗତିରେ ଚତୁଃପାର୍ଶ୍ୱକୁ ଦୃଷ୍ଟିନିକ୍ଷେପ କରିକରି ଆଗେଇ ଚାଲିଛୁ । ଚତୁର୍ଦ୍ଦିଗ ନିସ୍ତବ୍ଧ, ନିଝୁମ ; ମାତ୍ର ଝିଙ୍କାରୀର ଝିଁଝିଁ ଶବ୍ଦ ଏବଂ ମଝିରେ ମଝିରେ କିଛି ପକ୍ଷୀଙ୍କର କର୍କଶ ରଡ଼ି ସେହି ନିସ୍ତବ୍ଧତାକୁ ଭଙ୍ଗକରି ଅରଣ୍ୟର ଗାମ୍ଭୀର୍ଯ୍ୟକୁ ପ୍ରକାଶ କରୁଥାଏ । ବୃଦ୍ଧ ସୂର୍ଯ୍ୟମାମୁ ତାଙ୍କର ଶେଷ ଆଭାଟିକୁ କଳାକଳା ପାହାଡ଼ମାନଙ୍କ ମଥା ଉପରେ ଏପର୍ଯ୍ୟନ୍ତ ବିସ୍ତାର କରି ରଖିଛନ୍ତି । ସ୍ଥାନ ଅତି ଭୟଙ୍କର, କିନ୍ତୁ ଦୃଶ୍ୟ ଅତି ମନୋରମ ।"*

ଉକ୍ତ ଭ୍ରମଣସାହିତ୍ୟରେ ଲେଖକଙ୍କ ଭ୍ରମଣ ଅନୁସନ୍ଧିତ୍ସା ସହ ସ୍ଥାନୀୟ ଲୋକସଂପର୍କକୁ ବୁଝିହୁଏ । କେନ୍ଦୁଝର ରାଜ୍ୟର ମହକୁମା ଆନନ୍ଦପୁର, ସେଠାରେ ଥିବା ଗଣ୍ୟମାନ୍ୟ ବ୍ୟକ୍ତବର୍ଗଙ୍କର ହାତଗଣତି କେତେଗୋଟି ବଙ୍ଗଳା ଓ ଗୋଟିଏ ଚିକିତ୍ସାଳୟ ଥିବାର ତଥ୍ୟ ପ୍ରଦାନ କରିଛନ୍ତି ସେ । ଚିକିତ୍ସାଳୟର ଛୋଟଘରେ ଅବସ୍ଥାନକରୁଥିବା ବେଳେ ଚତୁର୍ଦ୍ଦିଗରେ ଥିବା ଭୟଙ୍କର ଜଙ୍ଗଲ, ବାଘମାନଙ୍କର ହେଣ୍ଟାଳ ଶୁଣିଛନ୍ତି ଯାତ୍ରୀମାନେ । ଲେଖକ ମଣୀନ୍ଦ୍ରନାଥ ଆନନ୍ଦପୁରରେ ରହଣିକାଳରେ ବାଘର ଗର୍ଜନଶୁଣି ଡରିଯାଇ ସେଠାକାର ବେହେରାକୁ ଡାକିଛନ୍ତି । ଭୟଭୀତ ବଙ୍ଗଯାତ୍ରୀଙ୍କୁ ବେହେରାଜଣକ ସାନ୍ତ୍ୱନା ଦେଇଛି । ଓଡ଼ିଆରେ ବେହେରା ଯାହା କହିଛି,ଲେଖକ ତାହାକୁ ଭ୍ରମଣଗ୍ରନ୍ଥରେ ସ୍ଥାନିତ କରିଛନ୍ତି ଏହିପରି : *"ଆପନାରା କଲିକତାର ନୁକ, ବାଘୋ ଡାକିବାରେ ଏତେ ଡରି ଗଲା ? ପୋଆ କୁଶ ବାଟର ବାଘୋ ଡାକୁଛି ; ଏଠି ରୁଜ୍ ବାଘୋ ଡାକୁଛି । ତୁମ୍ଭେ ଶୁଇବ ଯାଓ, କିଛୁ ଡର ନାଇ ।"* ତା'ର ପରଦିନ ୧୮ ଅକ୍ଟୋବର ଭୋର୍ ସାଢେ ପାଞ୍ଚଟାରେ ସମସ୍ତେ ଘସିପୁରାରୁ ଯାତ୍ରା ଆରମ୍ଭ କରିଥିଲେ କଟକ । ଏହାହିଁ ଥିଲା ସେମାନଙ୍କ କେନ୍ଦୁଝର ଭ୍ରମଣର ବିବରଣୀ ।

ପ୍ରକୃତି-ପାଠର ମଧ୍ୟଦେଇ ଶିକ୍ଷାଲାଭର ଏକ ବିକଳ୍ପବିହୀନ ମାଧ୍ୟମ ହେଉଛି ଭ୍ରମଣସାହିତ୍ୟ । ଲେଖକ ମଣୀନ୍ଦ୍ରନାଥ ଥିଲେ ଜଣେ ଖିଆଲି ଭ୍ରମଣକାରୀ । ଭ୍ରମଣ ତାଙ୍କର ନିଶା । ସଙ୍ଗବଦ୍ଧ ଭାବରେ ସାଇକେଲରେ ଭ୍ରମଣ କରିବାର ନିଷ୍ଠା, ଶୃଙ୍ଖଳା, ସହମର୍ମିତା ଏବଂ ଅଭିଯାନର ଲକ୍ଷ୍ୟନେଇ ସେ ଭ୍ରମଣ କରିଛନ୍ତି ବହୁସ୍ଥାନ । କଠିନ ପରିସ୍ଥିତି ଭିତରେ ସାଥୀମାନଙ୍କ ସହ ସାଇକେଲରେ ଆସିଛନ୍ତି, ଓଡ଼ିଶା

ସହ ଅଧିକ ହୋଇଛନ୍ତି ଓତଃପ୍ରୋତ । ବିଶେଷକରି କେନ୍ଦୁଝରରେ ରହଣି, ଗଡ଼ଜାତ ଭ୍ରମଣ, ସମକାଳୀନ ସମାଜ-ସଂସ୍କୃତି, ପ୍ରକୃତିର ରୂପକୁ ତାଙ୍କ ଭ୍ରମଣକାହାଣୀରେ ଲିପିବଦ୍ଧ କରିଅଛନ୍ତି । ରାଜା ବଳଭଦ୍ର ଭଞ୍ଜଦେଓଙ୍କ ସହ 'ଟୋ ଉଠାଇବାସହ କେନ୍ଦୁଝରର ବିଭିନ୍ନ ସ୍ଥାନର ଫଟୋ ମ୍ନ ସଂଗ୍ରହ କରିଛନ୍ତି । ଜଣେ ବଙ୍ଗୀୟ ପର୍ଯ୍ୟଟକଭାବରେ ଓଡ଼ିଶାର ମୁଗ୍ଧବିଭୋର ପ୍ରକୃତି ଓ ପରିବେଶକୁ ସେ ଉପଭୋଗ କରିଛନ୍ତି ଖୁସି ମନରେ । ତାହାର କଳାତ୍ମକ ପରିପ୍ରକାଶ ହେଉଛି ଉକ୍ତ ଭ୍ରମଣବୃତ୍ତାନ୍ତ *'ଦ୍ୱିଚକ୍ରେ କ୍ୟାଲ୍‌କାଟା ହୁଇଲାର୍ସ'* । ଏଥିରେ କେନ୍ଦୁଝର ଭ୍ରମଣ ପ୍ରସଙ୍ଗଟି ଅଧିକ ରୋଚକଧର୍ମୀ । କେନ୍ଦୁଝରର ଅତୀତ, ଇତିହାସ , ଆର୍ଥ-ସାମାଜିକ ଏବଂ ଭୌଗୋଳିକ ଅବସ୍ଥିତିକୁ ପାଠକେ ଅନୁଭବ କରିପାରିବେ ଏଥିରୁ । ଭ୍ରମଣକରିବା ଏବଂ ଭ୍ରମଣକାହାଣୀ ରଚନାକରିବା ଏକାକଥା ନୁହେଁ । ସେଥିପାଇଁ ବଙ୍ଗୀୟ ସାହିତ୍ୟିକ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟ କହିଛନ୍ତି : *"ଭ୍ରମଣକରିବା ଏକ, ତାହା ପ୍ରକାଶ କରିବା ଏକ । ଯାହାର ଦୁଇଟା ପାଦ ଅଛି, ସେ ଭ୍ରମଣ କରିପାରେ ; କିନ୍ତୁ ହାତ ଦୁଇଟା ଥିଲେ ତ ଲେଖାଯାଇ ନ ପାରେ । ତାହା ବଡ଼ କଠିନ କାର୍ଯ୍ୟ ।" (ଶ୍ରୀକାନ୍ତ, ୧ମ ପର୍ବ)* ଲେଖକ ମଣୀନ୍ଦ୍ରନାଥ ମୁସ୍ତୋଫୀ ଥିଲେ ଯଥାର୍ଥ ଭ୍ରମଣକାରୀ । ଓଡ଼ିଶାର ଚିତ୍ର-ଚରିତ୍ରମାନେ ତାଙ୍କ ଭ୍ରମଣ ଓ ସାହିତ୍ୟକୁ ବେଶ୍ ପ୍ରଭାବିତ କରିଛନ୍ତି । କେବଳ ଓଡ଼ିଆ ସାହିତ୍ୟ କାହିଁକି, ବଙ୍ଗଳା ସାହିତ୍ୟକୁ ମଧ୍ୟ କେନ୍ଦୁଝରର ଅବଦାନ ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ ; ଉକ୍ତ ଭ୍ରମଣକାହାଣୀହିଁ ଏହାର ଯଥାର୍ଥ ପ୍ରମାଣ ।

**ତଥ୍ୟସୂତ୍ର:**


- *ମୁସ୍ତୋଫୀ , ମଣୀନ୍ଦ୍ରନାଥ : 'ଦ୍ୱିଚକ୍ରେ କ୍ୟାଲ୍‌କାଟା ହୁଇଲାର୍ସ' : ଭାରତବର୍ଷ* , ୧୫ ତମ ସଂଖ୍ୟା. ଜ୍ୟେଷ୍ଠ ୧୩୩୫ ବଙ୍ଗାବ୍ଦ(୧୯୨୭)
- *ମୁସ୍ତୋଫୀ, ମଣୀନ୍ଦ୍ରନାଥ : ଭ୍ରମଣେର ନେଶା* : ଏସ୍.ସିସରକାର ଏଣ୍ଡ୍ ସନ୍ସ୍, କଲିକାତା,୧୩୩୭ ବଙ୍ଗାବ୍ଦ (୧୯୨୯)


❖ ❖ ❖